# Akashvani, Sambalpur

# SAMBALPURI NEWS MORNING BULLETIN

## 4 August 2026 - 6.47- 6.52 am.

---

ରାଷ୍ଟ୍ରପତି        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ନୁ ଲାଇଟ୍‌ଗୁଡ୍ ଖାସ୍ ଟ୍ରେନ୍‌ଥି ବ୍ରହ୍ମପୁର୍ ଯିବେ । ରାଷ୍ଟ୍ରପତିଙ୍କର୍ ଟ୍ରେନ୍‌କେ ୨ ଟା ଟ୍ରେନ୍ ପାଇଲଟ୍ କରିକରି ନେବେ । ଟ୍ରେନ୍ ଯିବାର୍ ସମିଆଥି ସେ ରୁଟ୍‌ଥି ଅଲ୍‌ଗା କେନ୍‌ସି ଟ୍ରେନ୍ ନାଇଁ ଯାଏ ବଲି ରେଲ୍‌ବାଇ ଏସ୍.ପି. ବିବେକାନନ୍ଦ ଶର୍ମା କହିଛନ୍ । ରାଷ୍ଟ୍ରପତିଙ୍କର୍ ଗସ୍ତ ସମିଆଥି ସୁରକ୍ଷାକେ ନଜର୍‌ଥି ରଖିକରି ସବୁ ଓଭର୍‌ବ୍ରିଜ୍ ମାନ୍‌କେ ଯା’ଆସ୍ ବନ୍ଦ୍ ରହେବା । ରାଷ୍ଟ୍ରପତି ଆଏଜ୍ ସଖାଲର୍ ୮ ବାଜିକରି ୫୦ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ନ ପୁହୁଁଚିବେ ଆଉ ୯ ବଜେ ବ୍ରହ୍ମପୁର୍‌କେ ଯିବେ । ବ୍ରହ୍ମପୁର ନ ପହଁଚିକରି ରାଷ୍ଟ୍ରପତି ତପ୍ତପାଣି ଠାନେ ମା କନ୍ଧୁଣୀ ଦେବୀ ମନ୍ଦିର୍ ଆଉ ଶିବମନ୍ଦିର୍ ନ ପୂଜାର୍ଚ୍ଚନା କର୍‌ବେ ।

ମୁଖ୍ୟମନ୍ତ୍ରୀ		ଆର୍‌ଏନ୍‌ୟୁ/ ସମ୍ବଲପୁର

କେଜିନୁ ପିଜିତକ୍ ମାହାଲିଆ ପାଠ୍‌ପଢ଼ା, ନୂଆଁବିଶ୍ୱବିଦ୍ୟାଳୟ ଥାପ୍‌ନା, ଆଇଟିଆଇ ମାନ୍‌କୁ ସେଂଟର୍ ଅଫ୍ ଏକ୍ସଲେନ୍ସ ବନାବାର୍ ଆଉ ଶିଳ୍ପ ଆବଶ୍ୟକତା ଅନ୍‌ସାରେ ଦକ୍ଷତା ବିକାଶ୍ ତାଲିମ୍ ଉପ୍‌ରେ ରାଜ୍ୟ ସର୍‌କାର୍ ଜୋର୍ ଦଉଛନ୍ । ଆଏବା ଦିନେ ରାଏଜେ ଆଉ ୪ ଟା ବିଶ୍ୱବିଦ୍ୟାଳୟ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଗଲାକାଏଲ୍ ଜଗତ୍‌ଗୁରୁ କୃପାଲୁ ବିଶ୍ୱବିଦ୍ୟାଳୟର୍ ଉଦ୍‌ଘାଟନୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଇ ବିଶ୍ୱବିଦ୍ୟାଳୟ ରାଜ୍ୟର୍ ଯୁଆନ୍ ପିଢ଼ିଙ୍କୁ ଜ୍ଞାନ୍ କୌଶଲ୍ ଆଉ ମୂଲ୍ୟବୋଧ୍ ଥିବା ନାଗରିକ୍ ବନାବାର୍‌ଥି ବଡ଼ ଭୂମିକା ନେବା ।

ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା		ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ୨୦୨୬ ଖରିଫ୍ ରତୁ ଲାଗି ପଞ୍ଜିକରଣ୍ ସମିଆକେ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ ଚାଷୀମାନେ ଇ ସମିଆ ଭିତ୍‌ରେ ଧାନ୍, ମକା, ଦାଏଲ୍, ତେଲ୍ ବିଜା, କପା, ପନିପରିବା ଆଉ ଅଲ୍‌ଗା ଖରିଫ୍ ଫସଲ୍ ଲାଗି ବୀମା ପଞ୍ଜିକରଣ୍ କରେଇପାର୍‌ବେ । ଚାଷୀମାନେ ସେମାନ୍‌କର୍ ପାଶର୍ ପେକ୍ସ, ଲେମ୍ପସ୍, ବେଙ୍କ୍ ଶାଖା ଆଉ ଜନସେବା କେନ୍ଦ୍ର ଜରିଏ ପଞ୍ଜିକରଣ୍ କରିପାର୍‌ବେ । ଇ ପଞ୍ଜିକରଣ୍ ଲାଗି ଆଧାର୍‌କାର୍ଡ଼ ବାଧ୍ୟତାମୂଲକ୍ ହେଇଥିବାର୍ ବେଲେ ଝନେ ଚାଷୀ ସବୁନୁ ଅଏତ୍‌କା ୫ ଏକଡ୍‌ତକ୍ ଜମିର ବୀମା କରେଇପାର୍‌ବେ ।

ହର୍‌ଘର୍ ତ୍ରିରଙ୍ଗା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଚଲ୍‌ତି ବଛର୍ ସବୁ ସ୍କୁଲ୍, ମହାବିଦ୍ୟାଲୟ, ବିଶ୍ୱବିଦ୍ୟାଲୟମାନ୍‌କେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ କରାଯିବା । ଇ ଅବ୍‌ସରେ ଆଏବା ୯ ନୁ ୧୭ ତାରିଖ୍‌ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ କରାଯିବା । ସବୁ ଶିକ୍ଷାନୁଷ୍ଠାନ୍ ନ

ଜାତୀୟ ପତାକାର୍ ବିକାଶ୍ ଯାତ୍ରା ହେବା । ଇତାର୍ସହେତେ ସ୍ୱାଧୀନତା ସଂଗ୍ରାମୀଙ୍କର୍ ଅବଦାନ୍ ବାବଦ୍ ତ୍ରିରଙ୍ଗା ଆଉ ବନ୍ଦେ ମାତରମ୍ ପ୍ରଦର୍ଶନୀ ଭିଲ୍ ଆୟୋଜନ୍ କରାଯିବା । ଇଥିର୍ଲାଗି ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍ଫୁ ଚିଠି କରାଯାଇଛେ ।

ବୃତି ଆଇ ଆଣ୍ଡ୍ ପି.ଆର୍

ରାଏଜେ କୃଷି ଶିକ୍ଷା ଆଉ ଗବେଷଣାକେ ଆହୁରି ବର୍କସ୍ କର୍ବାର୍ ଲାଗି ସର୍କାର୍ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଳୟର୍ ପିଜି ଆଉ ପିଏଚ୍ଡ଼ି ଛାତ୍ରଛାତ୍ରୀମାନ୍କର୍ ଲାଗି ମାସ୍କିଆ ବୃତି ଘୋଷ୍ନା କରିଛନ୍ । ପିଜି ଛାତ୍ରଛାତ୍ରୀମାନ୍କୁ ୨ ବଛର୍ କୃଷି ଆଉ ଆନୁସଙ୍ଗିକ୍ ପାଠ୍ୟକ୍ରମ୍ ଲାଗି ମାସ୍କ ୧୦ ହଜାର୍ ଆଉ ପିଏଚ୍ଡ଼ି ଗବେଷକମାନ୍କୁ ୩ ବଛର୍ତକ୍ ମାସ୍କ ୧୫ ହଜାର୍ ଟଙ୍କା ଦିଆଯିବା । ଉତମ୍ ଗବେଷଣା ପ୍ରୋତ୍ସାହନ୍ ହେବାର୍ ଆଉ ଛାତ୍ରଛାତ୍ରୀମାନ୍କୁ ସହଯୋଗ୍ କର୍ବାର୍ଟା ଇ ସାହାଜ୍ର ମୂଲ୍ ଲକ୍ଷ୍ୟ ଆଏ ।

ଓଡ଼ିଆ ସାମ୍ବାଦିକତା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮୬୬ ମସିହା ଆଝିର୍ ଦିନେ ବାହାରିଥିଲା ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦୀପିକା । ଓଡ଼ିଶାର୍ ଜନଜୀବନ୍‌କେ ବାଟ୍ କଢ଼ାବାର୍‌ଥି ଉତ୍କଳ ଦୀପିକାର୍ ଅବଦାନ୍‌କେ ସୋର୍ କରିକରି ଆଝିର୍ ଦିନ୍‌କେ ଓଡ଼ିଆ ସାମ୍ବାଦିକତା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ଏଟ୍ ହୋମ୍ ପାର୍ଟି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ସ୍ୱାଧୀନତା ଦିବସ୍ ସମାରୋହଥି ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ଆୟୋଜିତ୍ ହେବାର୍‌କେ ଥିବା ପତାକା ଉତୋଲନ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବାର୍‌କେ ଝାର୍‌ସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ତିଲେଇମାଲ୍ ଗାଁର୍ ଭେସମତୀ ନାଏକ୍ ନିଉତା ପାଇଛନ୍ । ଇତାର୍‌ସହେତେ ରାଷ୍ଟ୍ରପତି ଭବନ୍ ନ ହେବାର୍‌କେ ଥିବା ଏଟ୍ ହୋମ୍ ପାର୍ଟିଥି ଭିଲ୍ ସେ ସାମିଲ୍ ହେବେ ।

ଏସ୍ଆଇଆର୍- ବଲାଙ୍ଗିର୍          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ଭୋଟର୍ ତାଲିକା ପର୍ଯ୍ୟବେକ୍ଷକ୍ ଆଉ ପର୍ଯ୍ୟଟନ୍ ବିଭାଗ୍ ସଚିବ ବଲ୍ୱନ୍ତ ସିଂ ଗଲାକାଏଲ୍ ବଲାଙ୍ଗିର୍ ଜିଲ୍ଲା ଗସ୍ତଥି ଆସିକରି ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସଆଇଆର୍-୨୦୨୬ ଅନ୍ତର୍ଗତ ଖସଡ଼ା ଭୋଟର୍ ତାଲିକା ବାହାର୍‌ବାର୍ ବାବ୍‌ଦେ ସମୀକ୍ଷା କରିଛନ୍ । ନିର୍ବାଚନ୍ ଆୟୋଗଙ୍କର୍ ନିର୍ଦ୍ଦେଶାବଳୀକେ କଡ଼ାକଡ଼ି ପାଲନ୍ କରିକରି ଧାରିଜ୍ ସମିଆ ଭିତ୍‌ରେ ସଂଶୋଧନ୍ କାମ୍ ଶେଷ୍ କର୍‌ବାର୍‌କେ ସେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଇଗ୍ନୁ ନାଁଲେଖା       ଆଇ.ଆଣ୍ଡ୍.ପି.ଆର୍

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ତର୍‌ଫୁ ଜୁଲାଇ ୨୦୨୬ ଶିକ୍ଷା ସତ୍ର ଲାଗି ନୂଆଁ ନାଁଲେଖା ଆଉ ପୁନଃ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ ଆଉ ଇଟା ଆଏବା ୧୬ ତାରିଖ୍‌ତକ୍ ଚାଲ୍‌ବା । ବିଶ୍ୱବିଦ୍ୟାଳୟର୍ ସବୁ ବିଭାଗ୍‌ର ୟୁଜି, ପିଜି , ପିଜି

ଡିପ୍ଲୋମା ଆଉ ସାର୍ଟିଫିକେଟ୍ କୋର୍ସ ଲାଗି ନାଁଲେଖା ହେଉଛେ । ଅନୁସୂଚିତ୍ ଜାତି ଆଉ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଲାଗି ଆଉ ପୁନଃ ପଞ୍ଜିକରଣ୍ ଦେୟଥି ୫୦ ପ୍ରତିଶତ୍ ଛାଡ୍ ଦିଆଯାଇଛେ । ଛାତ୍ରଛାତ୍ରୀମାନେ ନୂଆଁ ନାଁଲେଖା ଲାଗି ignouadmission.samarth.edu.in ଥି ଆଉ ପୁନଃ ପଞ୍ଜିକରଣ୍ ଲାଗି online.ignou.ac.in ଜରିଏ ଆବେଦନ୍ କରିପାର୍‌ବେ ।

ଓଡ଼ିଶା ପୁଲିସ୍‌ର ସଫଲତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟସ୍ତର୍‌ର କ୍ରୀଡ଼ା ପ୍ରତିଯୋଗିତାଥି ଓଡ଼ିଶା ପୁଲିସ୍‌ର ୧୨ ଝନ୍ ଖେଲାଲି ଉଲ୍ଲେଖନୀୟ ସଫଲତା ହାସଲ୍ କରିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ଭୁବ୍‌ନେଶ୍ୱର କମିଶନରେଟ୍ ପୁଲିସ୍ ମୁଖ୍ୟାଲୟ ନ ହେଇଥିବା ଗୁଟେ ଖାସ୍ ସମ୍ବର୍ଦ୍ଧନା ଉତ୍ସବ୍‌ଥି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କୃତି ଖେଲାଲିମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମାସ ୨୩ ନୁ ୩୦ ତାରିଖ୍‌ତକ୍ ହାଇଦ୍ରାବାଦ୍ ଠାନେ ହେଇଥିବା ସର୍ବଭାରତୀୟ

ପୁଲିସ୍ ଜୁଡ଼ୋ କ୍ଲଷ୍ଟର୍ ଆଉ ୮ ନୁ ୧୧ ତାରିଖ୍‌ତକ୍ ମହାରାଷ୍ଟ୍ରର୍ ପୁନେ ନ ହେଇଥିବା ବରିଷ୍ଠ ଜାତୀୟ ଇଣ୍ଡିଆ ତାଇକୋଣ୍ଡୋ ପୁମ୍‌ସେ ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶା ପୁଲିସ୍ ଦଲ୍ ଇ ସଫଲତା ପାଇଛନ୍ ।

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲା ୧୧ ଦିନ୍ ଧରିକରି ଚାଲିଥିବା ୨୩ ନମ୍ବର୍ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପତାକା ଅବତରଣ୍ କରିକରି ପରବର୍ତ୍ତୀ ଆୟୋଜକ ଭାରତ୍‌କେ ଦିଆଯାଇଛେ । ନୀରଜ୍ ଚୋପ୍ରା, ପିଟି ଉଷା ଆଉ ଗୁଜୁରାଟ୍‌ର ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘ୍‌ବୀ ପତାକା ଗ୍ରହଣ୍ ଉତ୍ସବ୍‌ଥି ମଂଚ ନ ଉପସ୍ଥିତ୍ ରହିଥିଲେ । ଇ ବଛର୍ ପ୍ରତିଯୋଗିତାଥି ଭାରତ୍ ୧୩ ଟା ସ୍ୱର୍ଣ୍ଣ, ୧୭ ଟା ରୌପ୍ୟ ଆଉ ୯ ଟା କାଂସ୍ୟ ପଦକ୍ ସହେତେ ମୋଟ୍ ୩୯ ଟା ପଦକ୍ ଜିତିକରି ଟେବୁଲ୍‌ଥି ୪ ନମ୍ବର୍ ଠାନେ ରହିଛେ ।